# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**10th August - 2024**

**News Editor : *Itishree Singh Rathaur***

*************************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାର ମଞ୍ଜୁର କରିଥିବା ରେଳ ପ୍ରକଳ୍ପ' ରାଜ୍ୟରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବ, କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

- ରାଜ୍ୟରେ ଫାଇଲେରିଆ ରୋଗର ନିରାକରଣ ଲକ୍ଷ୍ୟରେ ଆରମ୍ଭ ହେଲା ଦ୍ୱିତୀୟ ପର୍ଯ୍ୟାୟ ସମୂହ ଔଷଧ ପ୍ରଦାନ ଅଭିଯାନ ।

- ଗ୍ରାହକମାନଙ୍କୁ ସୁଲଭ ଦରରେ ଆଳୁ ଯୋଗାଇବାପାଇଁ ପଦକ୍ଷେପ ଗ୍ରହଣ କଲେ ରାଜ୍ୟ ସରକାର ।

ଏବଂ

- ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି ।

**BBSR/R**

# ରେଳ ପ୍ରକଳ୍ପ - ମଞ୍ଜୁରି

କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶା ପାଇଁ ୬ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ ଅନୁମୋଦନ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ରେଳ ପ୍ରକଳ୍ପ ଓଡ଼ିଶାର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ରାଜ୍ୟର ବିକାଶଧାରାକୁ ଆଗେଇ ନେବ । ଏହାଦ୍ୱାରା ବିଶେଷକରି କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାର ଲୋକେ ଉପକୃତ ହେବେ । ସେ କହିଛନ୍ତି, ନୂଆଦିଲ୍ଲୀ ଗସ୍ତ ସମୟରେ ରେଳମନ୍ତ୍ରୀଙ୍କ ସହ ରାଜ୍ୟର ପ୍ରତି ଜିଲ୍ଲାରେ ରେଳ ସଂଯୋଗୀକରଣ ଏବଂ ରେଳ କରିଡର୍ ନେଇ ଆଲୋଚନା ହୋଇଥିଲା । ସୂଚନା ଅନୁସାରେ, ଗତକାଲି କ୍ୟାବିନେଟ୍ ବୈଠକରେ ୧୫ ହଜାର ୪ କୋଟି ଟଙ୍କା ବ୍ୟୟରେ ୬ଟି ନୂତନ ରେଳପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା । ଅନୁମୋଦିତ ରେଳପ୍ରକଳ୍ପ ମଧ୍ୟରେ ଉତ୍ତର ଓଡ଼ିଶାର ୩ଟି ଏବଂ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ୩ଟି ପ୍ରକଳ୍ପ ରହିଛି । ସମସ୍ତ ପ୍ରକଳ୍ପ ରାଜ୍ୟର ଆକାଂକ୍ଷୀ ଜିଲ୍ଲା ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିର୍ମାଣ କରାଯିବ ।

*Desk*

# ପଟ୍ଟା ବଣ୍ଟନ

ଘରଡିହ ନ ଥିବା ଲୋକଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ  ପଟ୍ଟା ବଣ୍ଟନ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏ ସଂକ୍ରାନ୍ତ ଏକ ସମୀକ୍ଷା ବୈଠକରେ ଶ୍ରୀ ପୂଜାରୀ ରାଜ୍ୟରେ ଘରଡିହ ନ ଥିବା ଲୋକଙ୍କର ଚିହ୍ନଟ ନେଇ ସର୍ଭେ କାର୍ଯ୍ୟ ଆସନ୍ତା ୧୬ ତାରିଖରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ଏ ସଂକ୍ରାନ୍ତ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ସର୍ଭେ କାର୍ଯ୍ୟରେ ସଚେତନତା ବୃଦ୍ଧି ଲାଗି ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

*Desk*

# ଫାଇଲେରିଆ ନିରାକରଣ - କେନ୍ଦ୍ର

ଫାଇଲେରିଆ ରୋଗର ନିରାକରଣ ଲକ୍ଷ୍ୟରେ ନୂଆଦିଲ୍ଲୀଠାରେ ଆଜି ଦ୍ୱିବାର୍ଷିକ ଜାତୀୟ ସମୂହ ଔଷଧ ପ୍ରଦାନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ଓ  ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ

ଭର୍ଚୁଆଲ ମାଧ୍ୟମରେ ଏହାର ଶୁଭାରମ୍ଭ କରି କହିଛନ୍ତି, ଦେଶର ୨୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ଏହି ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି। ମଶା କାମୁଡ଼ାରୁ ସୁରକ୍ଷା ଏବଂ ଫାଇଲେରିଆ ପ୍ରତିହତ ଔଷଧ ସେବନ ଏ କ୍ଷେତ୍ରରେ ଗୁରୁତ୍ୱ ଭୂମିକା ଗ୍ରହଣ କରିଥାଏ। ଏହି ରୋଗ ଦ୍ୱାରା ଆଜୀବନ ଅକ୍ଷମତା ପ୍ରକାଶ ପାଇଥାଏ ବୋଲି ସେ କହିଛନ୍ତି।  ଏହି ଅଭିଯାନରେ ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶର ୬୩ଟି ଜିଲ୍ଲାକୁ ସାମିଲ  କରାଯାଇଛି। ଶତ ପ୍ରତିଶତ ସଫଳତା ହାସଲ ଲକ୍ଷ୍ୟରେ ଘରକୁ ଘର ବୁଲି ଔଷଧ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି।

***Desk, Boudh/R***

# ଫାଇଲେରିଆ - ଔଷଧ ପ୍ରଦାନ

ଫାଇଲେରିଆ ରୋଗର ନିକରାକରଣ ଲକ୍ଷ୍ୟରେ ସମଗ୍ର ରାଜ୍ୟରେ ଆଜିଠାରୁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ୧ କୋଟି ୯୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଫାଇଲେରିଆ ନିରୋଧି ଔଷଧ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମର ତଦାରଖ ପାଇଁ ୭୭ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି, ଫାଇଲେରିଆ ପ୍ରବଣ ଜିଲ୍ଲା ଓ ବ୍ଲକ ଉପରେ

ବିଶେଷ ଗୁରୁତ୍ୱ ଦିଆଯାଉଛି । ଆଶା ଓ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ବୁଲି ଔଷଧ ସେବନ କରାଇବେ । ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ବୌଦ୍ଧଠାରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଫାଇଲେରିଆ ନିରାକରଣ ଅଭିଯାନ ନିମନ୍ତେ ସମୂହ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ସମସ୍ତ ସ୍ୱାସ୍ଥ୍ୟକର୍ମୀ ସକ୍ରିୟ ରହି ଜନସାଧାରଣଙ୍କୁ ଫାଇଲେରିଆ ସମ୍ପର୍କରେ ସଚେତନ କରାଇବାପାଇଁ ପରାମର୍ଶ ଦେଇଛନ୍ତି ।

***Desk***

## ହର୍ ଘର୍ ତ୍ରିରଙ୍ଗା

ସ୍ୱାଧୀନତା ଦିବସ ଅବସରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରିବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ନିଜ ପ୍ରୋଫାଇଲ୍ ଫଟୋ ଜାତୀୟ ପତାକା ରଖିବା ସହ ସେଲ୍ଫି ଶେୟାର୍ କରିବାପାଇଁ ଅନୁରୋଧ କରିଛନ୍ତି । ଜାତୀୟ ପତାକାକୁ ସମ୍ମାନ ଜଣାଇ ପ୍ରତ୍ୟେକ ନାଗରିକ ସେମାନଙ୍କର ଘର ଉପରେ ଜାତୀୟପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

*HS*

# ଆଳୁ

ରାଜ୍ୟରେ ଗ୍ରାହକମାନଙ୍କୁ ସୁଲଭ ଦରରେ ଆଳୁ ଯୋଗାଇ ଦେବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗ୍ରାହକମାନଙ୍କୁ ୧୦୦ ଟଙ୍କାରେ ୩ କିଲୋଗ୍ରାମ୍ ଆଳୁ ଯୋଗାଇ ଦେବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଭୁବନେଶ୍ୱରଠାରେ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଡିଲର୍‌ମାନଙ୍କୁ ଆଳୁ ଦେବା ଆରମ୍ଭ ହୋଇଛି । ଡିଲର୍‌ମାନେ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ମାଧ୍ୟମରେ ସାଧାରଣ ଲୋକଙ୍କୁ ଆଳୁ ବିକ୍ରି କରିପାରିବେ ।

*Desk, Bhadrak, Gajapati, Deogarh, Kendrapara/R*

# କୃମିନାଶକ ଔଷଧ ପ୍ରଦାନ

ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଆଜି ରାଜ୍ୟର ୧୯ଟି ଜିଲ୍ଲାରେ କୃମିନାଶକ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲାଗୁଡ଼ିକରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ବାଳକ, ବାଳିକା ଏବଂ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ଔଷଧ ପ୍ରଦାନ କରାଯାଉଛି। ଅନ୍ୟ ୧୧ଟି ଜିଲ୍ଲାରେ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଜିଲ୍ଲାଗୁଡ଼ିକରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଡି.ଇ.ସି. ବଟିକା ସହିତ

କୃମିନାଶକ ଔଷଧ ଏବଂ ୧ରୁ ୨ ବର୍ଷ ପିଲାଙ୍କୁ କେବଳ କୃମିନାଶକ ଔଷଧ ପ୍ରଦାନ କରାଯାଉଛି। ଔଷଧ ସେବନ କରିପାରି ନ ଥିବା ବାଳକ, ବାଳିକା ଏବଂ ମହିଳାଙ୍କୁ ଆସନ୍ତା ୧୭ ତାରିଖ ଦିନ ଔଷଧ ପ୍ରଦାନ କରାଯିବ। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କ ଦ୍ୱାରା କୃମିନାଶକ ଔଷଧ ବଣ୍ଟନ କରାଯିବ।

ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯାଇଛି ।

ସେହିପରି ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ନୂଆକେରାଣ୍ଡିଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୌମ୍ୟାରାଣୀ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବ୍ୟାପୀ କୃମିନାଶକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଚଳିତ ଥର ଜିଲ୍ଲାରେ ଥିବା ୧ ହଜାର ୨ଟି ସ୍କୁଲ୍ ଏବଂ ୨ ହଜାର ୪୩୬ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସାମୂହିକ ଔଷଧ ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଦେବଗଡ଼ଠାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ଓଝା ଯୋଗଦେଇ ସୁନ୍ଦର ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନ ପାଇଁ ପିଲାମାନେ କୃମିନାଶକ ବଟିକା ଖାଇବାବାର ଆବଶ୍ୟକତା ରହିଥିବା କହିଛନ୍ତି ।

ସେହିପରି କେନ୍ଦ୍ରାପଡ଼ାଠାରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କୃମିନାଶକ ଦିବସ

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଅଙ୍ଗନଓ୍ୱାଡ଼ି ମାଧ୍ୟମରେ ଔଷଧ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି ।

***HS***

## ବାଂଲାଦେଶୀ - କଡ଼ା ସୁରକ୍ଷା ବ୍ୟବସ୍ଥା

ବାଂଲାଦେଶରେ ଅଶାନ୍ତ ପରିବେଶ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ରାଜ୍ୟର ସାମୁଦ୍ରିକ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଓଡ଼ିଶା ସାମୁଦ୍ରିକ ପୁଲିସ୍ ପକ୍ଷରୁ ପୁରୀ ଜିଲ୍ଲାର ଅରଖକୁଦା ସାମୁଦ୍ରିକ ଥାନାର ଏକ ଦଳ' ଚିଲିକାର ପ୍ରବେଶ ପଥ ଶିବକୁଦ ମୁହାଣରେ ଯାଞ୍ଚ୍ ପ୍ରକ୍ରିୟାକୁ କଡ଼ାକଡ଼ି କରିଛନ୍ତି । ରାଜ୍ୟ ବାହାରୁ ଆସୁଥିବା ଲୋକମାନଙ୍କର ପ୍ରମାଣପତ୍ର ଯାଞ୍ଚ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ।

***Desk***

## ବିଶ୍ୱ ସିଂହ ଦିବସ

ସିଂହମାନଙ୍କ ବଂଶକୁ ସୁରକ୍ଷା ଓ ସଂରକ୍ଷଣ କରି ସେମାନଙ୍କ ବଂଶବୃଦ୍ଧି କରିବା ଲାଗି ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି । ୨୦୧୩ ମସିହାଠାରୁ ଅଗଷ୍ଟ ୧୦

ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଉଛି । ଏବେ ସାରା ବିଶ୍ୱରେ ପ୍ରାୟ ୫୦ ହଜାର ସିଂହ ରହିଥିବା ଜଣାପଡିଛି । ଭାରତରେ ଦେଖାଦେଉଥିବା ପ୍ରଜାତିକୁ ଏସୀୟ ସିଂହ କୁହାଯାଇଥାଏ । ବିଶେଷ କରି ଗୁଜୁରାଟର ଗିର୍ ଜଙ୍ଗଲରେ ଏହି ସିଂହ ଦେଖିବାକୁ ମିଳିଥାଏ । ସିଂହଙ୍କ ସୁରକ୍ଷା ପାଇଁ ଗୁଜୁରାଟ ସରକାରଙ୍କର ବିଭିନ୍ନ ପଦକ୍ଷେପ ଯୋଗୁଁ ଗିର୍‌ରେ ୧୯୯୦ରେ ୨୮୪ଟି ସିଂହ ଥିବାବେଳେ ୨୦୨୦ ମସିହା ଗଣନା ଅନୁଯାୟୀ ତାହା ୬୭୪କୁ ବୃଦ୍ଧି ପାଇଛି ।

*Koraput/R*

# ବିଶ୍ୱ ଜନଜାତି ଦିବସ

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ବିଶ୍ୱ ଜନଜାତି ଦିବସ ପାଳିତ ହୋଇଛି । ଏହି ଅବସରରେ ଆଦିବାସୀ ଯୁବକମାନଙ୍କୁ ସଶକ୍ତ କରିବା ସହ ପର୍ଯ୍ୟଟନର ବିକାଶ ମାଧ୍ୟମରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଆଲୋଚନା ହୋଇଥିଲା ।

*Ganjam?R*

# ଚାରାରୋପଣ

ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ରୟତ ମହାସଂଘ ପକ୍ଷରୁ ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆୟୋଜିତ ବୈଠକରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଚାରାରୋପଣ ସହ ସେଗୁଡ଼ିକର ଯତ୍ନ ନେବାପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

*HS*

# ନଦୀ ସ୍ଥିତି

ରାଜ୍ୟର ସବୁ ନଦୀର ସ୍ଥିତି ସ୍ୱାଭାବିକ ରହିଥିବା ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି । ରେଙ୍ଗାଲୀ, ଅପର କୋଲାବ, ବାଲିମେଳା ଓ ମାଛକୁଣ୍ଡ ଜଳଭଣ୍ଡାରର ସ୍ଥିତି ସ୍ୱାଭାବିକ ରହିଛି । ୪୭ଟି ମଧ୍ୟମ ଧରଣର ଜଳଭଣ୍ଡାର ମଧ୍ୟରୁ ୨୧ଟିରେ ଜଳସ୍ତର ୫୦ ପ୍ରତିଶତରୁ କମ୍ ରହିଥିବା ସେ କହିଛନ୍ତି ।

*Desk*

# ପାଣିପାଗ

ରାଜ୍ୟରେ ମୌସୁମୀ ପ୍ରଭାବରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

ଅପରପକ୍ଷରେ ହୀରାକୁଦ ଜଳଭଣ୍ଡାରର ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୫୪ ହଜାର ୪୬୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସେହି ସମୟ ମଧ୍ୟରେ ୧ ଲକ୍ଷ ୯୦ ହଜାର ୨୬୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳପତ୍ତନ ୬୧୨ ଦଶମିକ ୯/୩ ଫୁଟ ରହିଥିଲା।

*****